**ଭାରତୀୟ ଜନତା ପାର୍ଟି**

**କେନ୍ଦ୍ରୀୟ କାର୍ଯ୍ୟାଳୟ**

**୧୧, ଅଶୋକ ରୋଡ଼, ନୂଆ ଦିଲ୍ଲୀ-୧୧୦୦୦୧**

**ଫୋ.ନଂ-୨୩୦୦୫୭୦୦, ଫା.ନଂ-୨୩୦୦୫୭୮୭**

**ତା.୦୫.୦୨.୨୦୧୩**

**ବି.ଜେ.ପି ର ବରିଷ୍ଠ ନେତା ଡ଼ଃ ମୁରଲୀ ମନୋହର ଯୋଶୀଙ୍କ ପ୍ରେସ ଇସ୍ତାହାର ।**

ରିଜୋଲୁସନ କମିଟି ୨୦୦୯ ଜୁନ ମାସରେ ମିଳିତ ଜାତିସଂଘର ପ୍ରତିରକ୍ଷା କାଉଁସିଲ ଦ୍ୱାରା ଅନୁମୋଦନ ଓ ୨୦୦୯ ଜୁଲାଇ ମାସରେ ଆମେରିକୀୟ ଟ୍ରେଜେରୀ ବିଭାଗର ଘୋଷଣା ପରେ ଉପସ୍ଥାପନା କରିଥିଲା କି, ଲକ୍ସର ଇ ତୋଇବାର ମୁଖ୍ୟ ସଂଯୋଜକ ଅରିଫ କ୍ୱାସମାନୀ ଅଲକ୍ୱାଇଦା ସହ ମିଳିତ ହୋଇ ସମଝୋତା ଏକ୍ସପ୍ରେସର ବିସ୍ଫୋରଣ ପାଇଁ ଅର୍ଥ ତଥା ଜନ ସମ୍ବଳର ଯୋଗାଣ କରିଥିଲେ । ୧୦.୦୧.୨୦୧୦ ରେ ପାକିସ୍ତାନର ଆଭ୍ୟନ୍ତରୀଣ ମନ୍ତ୍ରୀ ରେହମନ ମଲ୍ଲିକ ମଧ୍ୟ ଉକ୍ତ ବିସ୍ଫୋରଣରେ ପାକିସ୍ତାନ ଆତଙ୍କବାଦୀମାନେ ଭଡ଼ାରେ ଆସିଥିଲେ ବୋଲି ପ୍ରକାଶ କରିଛନ୍ତି । ଡ଼ାଭିଡ଼ କଲେମାନଙ୍କ ତୃତୀୟ ପତ୍ନୀ ଫୈଜା ଓ୍ୱାଟାଲ୍ଲା ମଧ୍ୟ ୨୦୦୮ ମସିହାରେ ଉକ୍ତ ବିସ୍ଫୋରଣରେ କଲେମାସ ଜଡ଼ିତ ତଥା ସେ ମଧ୍ୟ ଅଜାଣତରେ ଜଡ଼ିତ ବୋଲି ସ୍ୱୀକାର କରିଥିଲେ । ଯାହାକି ୨୦୧୦ ମସିହାରେ ଜନସାଧାରଣଙ୍କ ପାଖକୁ ଆସିଥିଲା । ତାହା ସହ ସେଥିରେ ଏସ.ଆଇ.ଏମ.ଆଇ ନେତାଙ୍କର ୨୦୦୭ ମସିହାର ନାର୍କୋ ଟେଷ୍ଟ ପରେ ସେମାନେ ଆକ୍ରମଣରେ ଜଡ଼ିତ ପାକିସ୍ତାନୀଙ୍କୁ ସହଯୋଗ କରିବାର ସାକ୍ଷୀ ଯାହାକି ୨୦୦୮ ମସିହାରେ ସର୍ବସାଧାରଣଙ୍କ ନଜରକୁ ଆସିଥିଲା ତାହା ରହିଅଛି ।

ଏ ସମସ୍ତ ସୂଚନା ସର୍ବସାଧାରଣଙ୍କ ପାଖରେ ଉପଲବ୍ଧ । ସେଥିରେ ପାକିସ୍ତାନ ସଂପୃକ୍ତ ଥିବା, କରାଚୀ ବ୍ୟବସାୟୀ ଅରିଫ କ୍ୱାସମାନୀ, ଲସ୍କର ଇ ତୋଇବା, ଅଲ କ୍ୱାଇଦା, ଡ଼ାଭିଡ଼ କଲୋମାନ ହାର୍ଡ଼ଲୀ ଓ ତାଙ୍କ ତୃତୀୟ ପତ୍ନୀ ଫୈଜା ଔତଲ୍ଲା, ଏସ.ଆଇ.ଏମ.ଆଇ କୁ ଇନ୍ଦୋରରୁ ସହଯୋଗ କରିବା ଓ ଏନ.ଆଇ.ଏ ରିପୋର୍ଟକୁ ଦବାଇ ଦେବା ଆଦି ଘଟଣା କାଚ ପରି ସ୍ୱଚ୍ଛ ଅଟେ ।

ଉପରୋକ୍ତ ଘଟଣା ସମଝୋତା ଏକ୍ସପ୍ରେସ ର ବିସ୍ଫୋରଣ କେଶରେ ଏନ.ଆଇ.ଏ ର ଅଭିଯୋଗକୁ ଖଣ୍ଡନ କରୁଅଛି ।

ମିଳିତ ଜାତିସଂଘ ତରଫରୁ ଯେଉଁସବୁ ନିରପେକ୍ଷ ତଥା ବିଶ୍ୱସ୍ଥ ପ୍ରମାଣ ମିଳିଅଛି ତାହା ହେଲା,

୧-ପାରା ଗ୍ରାଫ ୧୮ ରେ ଥିବା ଜୁନ ମାସ ୨୦୦୯ ମସିହାରେ ରିଜୋଲୁସନ କମିଟି ମିଳିତ ଜାତିସଂଘର ସୁରକ୍ଷା କାଉଁସିଲର ଅନୁମୋଦନ ସମୟରେ ଓ ପାରା ଗ୍ରାଫ ୧୯ ରେ ଥିବା ଜୁଲାଇ ୨୦୦୯ ମସିହାରେ ଆମେରିକୀୟ ଟ୍ରେଜେରୀ ବିଭାଗର ସର୍ବସାଧାରଣ ଘୋଷଣା ପତ୍ରରୁ ପ୍ରତିପାଦିତ ହୁଏ କି, ସମଝୋତା ବିସ୍ଫୋରଣ ପାଇଁ ଲସ୍କର ଇ ତୋଇବାର ମୁଖ୍ୟ ଅରିଫ କ୍ୱାସମାନୀ ଅଲ କ୍ୱାଇଦା ସହ ମିଶି ଅର୍ଥ ତଥା ଜନ ସମ୍ବଳ ଯୋଗାଣ କରିଛନ୍ତି ।

୨- ପାରା ଗ୍ରାଫ ୨୦ ରେ ପାକିସ୍ତାନର ଆଭ୍ୟନ୍ତରୀଣ ମନ୍ତ୍ରୀ ୨୦୧୦ ମସିହା ଜାନୁଆରୀ ମାସରେ ଉକ୍ତ ବିସ୍ଫୋରଣ ପାଇଁ ପାକିସ୍ତାନ ଆତଙ୍କବାଦୀଙ୍କୁ ଭଡ଼ାରେ ନିଆଯିବା କଥା ସ୍ୱୀକାର କରିବା କଥା ଉଲ୍ଲେଖ ହୋଇଅଛି ।

୩-ପାରା ଗ୍ରାଫ ୨୦ ରୁ ୨୬ ମଧ୍ୟରେ ଡ଼ାଭିଡ଼ କଲେମାନଙ୍କ ତୃତୀୟ ପତ୍ନୀ ଫୈଜା ଓ୍ୱାଟାଲ୍ଲାଙ୍କ କାଲେମାନଙ୍କ ଉକ୍ତ ବିସ୍ଫୋରଣରେ ଜଡ଼ିତ ଥିବା ଓ ସେ ମଧ୍ୟ ଅଜାଣତରେ ସେଥିରେ ଜଡ଼ିତ ଥିବାର ସ୍ୱୀକାରୋକ୍ତି ଉଲ୍ଲେଖ ହୋଇଅଛି ।

୪-ପାରା ଗ୍ରାଫ ୧୦ ରେ ଏସ.ଆଇ.ଏମ.ଆଇ ନେତା ମାନଙ୍କର ୨୦୦୭ ମସିହାର ନାର୍କୋ ଟେଷ୍ଟର ସାକ୍ଷୀ, ଯାହାକି ୨୦୦୮ ମସିହାରେ ସର୍ବ ସାଧାରଣଙ୍କ ସମ୍ମୁଖକୁ ଆସିଥିଲା ସେଥିରେ ସେମାନେ ଆକ୍ରମଣରେ ସଂପୃକ୍ତ ପାକିସ୍ତାନୀଙ୍କୁ ସାହାର୍ଯ୍ୟ କରିବା କଥା ପ୍ରକାଶ ପାଇଅଛି ।

ଏ ସମସ୍ତ ତଥ୍ୟ ପ୍ରମାଣ ଏନ.ଆଇ.ଏ ର ସମସ୍ତ ଅଭିଯୋଗ ପତ୍ରକୁ ଖଣ୍ଡନ କରୁଅଛି ଓ ସେଥିରେ ନିହିତ ଥିବା ରାଜନୈତିକ ମନ୍ଦ ଉଦ୍ଦେଶ୍ୟକୁ ପ୍ରକାଶ କରୁଅଛି ।

**ଓ.ପି. କୋହଲି, ମୁଖ୍ୟାଳୟ ପ୍ରମୁଖ**